**ହୋଟେଲରୁ ଗଞ୍ଜେଇ ଜବତ, ୫ ଗିରଫ**

ମାଲକାନଗିରି,(ଡି.ଏନ୍.ଏ.)- ମାଲକାନଗିରି ପୋଲିସ ସ୍ଥାନୀୟ ଏକ ହୋଟେଲରୁ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଶ୍ଚିମ ଦିଲ୍ଲୀ ନରେଲା ଅଞ୍ଚଳର ଦିବାକର, ଏମ୍.ଡି ରହିମ, ସବିର, ରାହୁଲ ପାସବାନ, ଓ ନବଲ କିଶୋର। ସମ୍ପୃକ୍ତ ହୋଟେଲରେ ୫ଜଣ ରହି ଗଞ୍ଜେଇ କାରବାର କରୁଥିବା ସୂଚନା ପାଇ ଥାନାଧିକାରୀ ରିଗାନ କିଣ୍ଡୋ ଓ ଏସ୍ଆଇ କେ. ସଙ୍ଗନା ଚଢ଼ାଉ କରି ହଟେଲର ଗୋଟିଏ ରୁମ୍‌ରୁ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ସେମାନଙ୍କଠାରୁ ଗଞ୍ଜେଇ ଜବତ କରାଯାଇଥିଲା।

# ୫୩ ମୃତବ୍ୟକ୍ତିଙ୍କ ନାମରେ ଉଠାଯାଉଥିଲା ଭତ୍ତା

- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଛି ଲକ୍ଷାଧିକ ଟଙ୍କାର ଦୁର୍ନୀତି
- ତଦନ୍ତ ନିର୍ଦ୍ଦେଶ ଦେଲେ ଅତିରିକ୍ତ ଜିଲାପାଳ
- ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପିଇଓ, ଯନ୍ତ୍ରୀ, ଜିଆର୍‌ଏସ୍ ସମ୍ମାନିତ

**କାଲିମେଲା, ୩।୧୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ପଡ଼ିଆ ବ୍ଲକରେ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ତଥା ଜନଶୁଣାଣି ଶିବିର ପଞ୍ଚାୟତ ସମିତି ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ, ବ୍ଲକ ଅଧ୍ୟକ୍ଷା ଯମୁନା ମୃଷାକ୍ଷୀ, ବିଡିଓ ରାମକୃଷ୍ଣ ନାୟକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁବ୍ରତ ସାମଲ, ବ୍ଲକ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁପ୍ରସାଦ ମହାପାତ୍ର, ଏପିଓ ମନୋଜ ବିଡିକା, ବ୍ଲକ ସାମାଜିକ କର୍ମୀ ମୁରଲୀ କ୍ରିଷ୍ଣା, ଜିଲା ପରିଷଦ ସଭ୍ୟ ସୁରଭି ଭୌମିକଙ୍କ ସହ ବ୍ଲକର ସମସ୍ତ କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆର୍‌ଏସ୍, ବିଭାଗର ଅଧିକାରୀଙ୍କ ସମେତ ଜନସାଧାରଣ ଉପସ୍ଥିତ ଥିଲେ। ଏହି ଜନଶୁଣାଣିରେ ବ୍ଲକର ୮ଟି ପଞ୍ଚାୟତରେ ଚାଲିଥିବା ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ବାବଦରେ ଆଲୋଚନା ହୋଇଥିଲା। ବ୍ଲକରେ ଭତ୍ତା ପାଉଥିବା ୫୩ଜଣ ହିତାଧିକାରୀ ମୃତ୍ୟୁବରଣ କରିଥିଲେ ସୁଦ୍ଧା ଅଦ୍ୟାବଧି ସେମାନଙ୍କୁ ଭତ୍ତା ବଣ୍ଟନ କରାଯାଉଥିବା ଏହି ସମୀକ୍ଷାରୁ ଜଣାପଡ଼ିଥିଲା। ଉଣ୍ଡରୁକୋଣ୍ଡା ପଞ୍ଚାୟତ ସେହି ଗ୍ରାମର ଗଙ୍ଗୀ ମାଡକାମି ୧୮।୪।୨୦୨୨ରେ ମୃତ୍ୟୁବରଣ କରିଥିଲେ ସୁଦ୍ଧା ସେ ଏଯାବତ୍ ଭତ୍ତା ପାଉଥିଲେ। ତାଙ୍କ ଭତ୍ତା କାର୍ଡ ନମ୍ବର ଓଆର୍-ଏସ୍ -୦୪୬୮୨୧୭୬। ସେହିପରି ଉଣ୍ଡରୁକୋଣ୍ଡା ଗ୍ରାମର ଭୀମା ପଡିଆମି ୮।୧୨।୨୧ରେ ମୃତ୍ୟୁବରଣ କରିଥିବା ବେଳେ ତାଙ୍କୁ ମଧ୍ୟ ଏଯାଏ ଭତ୍ତା ମିଳୁଛି। ପଡ଼ିଆ ପଞ୍ଚାୟତର ରାଜା ମାଡକାମି, ସୁବାରାଓ ପାଣ୍ଡି, ଏମ୍‌ପିଭି-୪୮ ଗ୍ରାମର ପୂର୍ଣ୍ଣିମା ମଣ୍ଡଳଙ୍କ ଭଳି ମୋଟ ୫୩ ଜଣ ମୃତବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା ତଥ୍ୟରୁ ଜଣାପଡ଼ିଛି। ଏହି ଭତ୍ତା ଟଙ୍କାକୁ ବାଟମାରଣା କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମଧ୍ୟ ଲକ୍ଷାଧିକ ଟଙ୍କା ଦୁର୍ନୀତି ହୋଇଥିବା ଜନଶୁଣାଣିରୁ ସ୍ପଷ୍ଟ ହୋଇଛି। ମୋ ପୋଖରୀ ଯୋଜନା, ଚାଷ ଜମି ସମତଳ ଯୋଜନା ଏବଂ ଅନ୍ୟାନ୍ୟ ଯୋଜନାରେ ଅର୍ଥ ବାଟମାରଣା ହୋଇଛି। ପଡ଼ିଆ ପଞ୍ଚାୟତ ବେଟୀ ସୁକୁରାଙ୍କ ମୋ ପୋଖରୀ ଯୋଜନାରେ ଧାର୍ଯ୍ୟ ଅର୍ଥଠାରୁ ଅଧିକ ୩୨,୮୭ ଟଙ୍କା ପୈଠ କରାଯାଇଛି। ସେହିପରି ଗୋଲାଗୁଡ଼ା ଗ୍ରାମରେ ୨୦ଟି ଚାଷଜମି ସମତଳ କରିବା ପାଇଁ ଧାର୍ଯ୍ୟ ଅର୍ଥଠାରୁ ୭୪,୭୫୪ ଟଙ୍କା ଅଧିକ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ମାଟେରୁ ପଞ୍ଚାୟତ ଅନ୍ତର୍ଗତ ଟାକେଲଗୁଡ଼ା ଗ୍ରାମରେ ୨୦ଟି ଜମି ସମତଳ ପାଇଁ ଧାର୍ଯ୍ୟ ଅର୍ଥଠାରୁ ଅଧିକ ୮୧୨୨ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଆଇଟିଡିଏ ପକ୍ଷରୁ ଶିମିଳିବାଞ୍ଚା ପଞ୍ଚାୟତ ଭାଲମପାଥି ଗ୍ରାମରେ ଓଟିଏଲ୍‌ପି ଦ୍ୱାରା କାଜୁ ଚାରାରୋପଣ ପାଇଁ ୩ ହଜାର ଚାରା ଲାଗିବାକୁ ଥିବାବେଳେ ମାତ୍ର ଗୋଟିଏ ଗଛ ରହିଛି। ଏ ବାବଦରେ ୨୮ ଲକ୍ଷ ୫୬ ହଜାର ଟଙ୍କା ଅଟକଳ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୪ ଲକ୍ଷ ୨୭ ହାଜର ୫୫୭ ଟଙ୍କା ଉଠାଣ କରାଯାଇଛି। ଉକ୍ତ କାର୍ଯ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନ୍ତର୍ଭୁକ୍ତ ହୋଇଥିବାରୁ ଏହାକୁ ସ୍ଥାନୀୟ ଜବ୍‌କାର୍ଡଧାରୀଙ୍କ ଦ୍ୱାରା କରାଯିବା ବ୍ୟବସ୍ଥା ଥିବା ବେଳେ ଜିଲା ବାହାରୁ ଶ୍ରମିକ ଆଣି କାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଛି। ବ୍ଲକରେ ଲାଇନ ବିଭାଗ ପକ୍ଷରୁ ହେଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟଗୁଡ଼ିକର ଫଳକ ଲଗା ନ ଯାଇ ବିଲ୍ ପ୍ରସ୍ତୁତ କରି ଅର୍ଥ ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ବ୍ଲକରେ ଲାଇନ ବିଭାଗ ପକ୍ଷରୁ ହେଉଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟଗୁଡ଼ିକର ଫଳକ ଲଗା ନ ଯାଇ ବିଲ୍ ପ୍ରସ୍ତୁତ କରି ଅର୍ଥ ହଡ଼ପ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏହାକୁ ଅତିରିକ୍ତ ଜିଲାପାଳ ଗୁରୁତର ସହ ଗ୍ରହଣ କରି ବିଡିଓଙ୍କୁ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଉଣ୍ଡରୁକୋଣ୍ଡା ଓ ଗିରକାନପାଲି ପିଇଓ ଏନ୍. ହୃଷୀକେଶ ରାଓଙ୍କୁ ବେଷ୍ଟ ପିଇଓ, ବେଷ୍ଟ ଯନ୍ତ୍ରୀ ଭାବେ ବାପନପଲି ପଞ୍ଚାୟତର କାମିନୀକାନ୍ତ ସିଓ, ବେଷ୍ଟ ଜିଆର୍‌ଏସ୍ ଭାବେ ସେହି ପଞ୍ଚାୟତର ଏଲ୍. ତ୍ରିନାଥଙ୍କୁ ସମ୍ମାନିତ କରାଯାଇଛି।

## ସଂକ୍ଷେପରେ

### ବେଆଇନ ଡମ୍ପିଂକୁ ଉଚ୍ଛେଦକଲା ପୌର ପ୍ରଶାସନ

ଜୟପୁର, ୩।୧୧ (ନି.ପ୍ର.)-ଜୟପୁର ବାଇପାସ୍ ରାସ୍ତାର ପଞ୍ଚାନନ ମନ୍ଦିର ନିକଟରେ ପ୍ରତ୍ୟହ କ୍ରଶର ଡଷ୍ଟ ଆଣି ଡମ୍ପିଂ କରୁଥିଲା। ଏନେଇ ଜନସାଧାରଣ ହଇରାଣ ହେଉଥିଲେ। ଅଭିଯୋଗ ପରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କ ଉପସ୍ଥିତିରେ ପୌର ପ୍ରଶାସନ ଏହାକୁ ଉଚ୍ଛେଦ କରିଛି। ଏପରି ବେଆଇନ ଡମ୍ପିଂ କିଏ କରିଛି ତାହା ଜଣାପଡ଼ିନାହିଁ। ଆଗାମୀ ଦିନରେ ଏଥିପ୍ରତି ନଜର ରଖାଯିବ। ଯିଏ ଡମ୍ପିଂ କରିବେ ତାଙ୍କ ଗାଡ଼ି ସିଜ୍ କରିବା ସହ ଜରିମାନା ଆଦାୟ କରାଯିବ ବୋଲି ପଟ୍ଟନାୟକ ପ୍ରକାଶ କରିଛନ୍ତି।

### ମଦ ଚାଲାଣ ବେଳେ ଚଢ଼ାଉ, ୨ ଗିରଫ

ଜୟପୁର, ୩।୧୧ (ନି.ପ୍ର.)-ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ଧରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କ୍ରିଷ୍ଣ ନାଗ ଓ ଅନ୍ୟ ଜଣେ ମହିଳା ବୋଲି ଜଣାପଡିଛି। ଉଭୟଙ୍କଠାରୁ ୩୪ ଲିଟର ମଦ ଜବତ ହୋଇଛି। ସହରର ନାରାୟଣତୋଟା ସାହିରେ ବିଭାଗୀୟ କର୍ମଚାରୀ ଚଢ଼ାଉକରି କ୍ରିଷ୍ଣଙ୍କୁ ଗିରଫ କରି ତାଙ୍କଠାରୁ ୧୫ ଲିଟର ମଦ ଜବତ କରିଥିଲେ। ସେହିପରି ଜୟନଗର ଛକ ନିକଟରେ ଚଢ଼ାଉକରି ଜଣେ ମହିଳାଙ୍କଠାରୁ ୧୯ ଲିଟର ମଦ ଜବତ କରିଥିଲେ। ଗିରଫ ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ସଂଘ ଗଠିତ

କାଲିମେଲା,୩।୧୧(ଡି.ଏନ୍.ଏ.)-ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ଲକ୍ଷ୍ୟ ନେଇ ମାଲକାନଗିରି ଜିଲା କାଲିମେଲା ବ୍ଲକରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଏକ ନୂତନ ପେନ୍‌ସନଭୁକ୍ତ ଶିକ୍ଷକ ସଂଘ ରାଜ୍ୟ ସଂଘର ପରାମର୍ଶକ୍ରମେ ଗଠିତ ହୋଇଛି। ସଂଘ କର୍ମକର୍ତ୍ତା ମଧ ଚୟନ ହୋଇଛି। ଏ ସମ୍ପର୍କରେ କର୍ମକର୍ତ୍ତାମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ବାରୋଇଙ୍କୁ ଅବଗତ କରାଇଛନ୍ତି। ଶିକ୍ଷକମାନଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ନୂତନ ସଂଘର ସଭାପତି ଭାବେ ଶିକ୍ଷକ କେ. ପୂର୍ଣ୍ଣଚନ୍ଦ୍ର ପାତ୍ର, ଉପସଭାପତି ଦୋଳଗୋବିନ୍ଦ ବିଶାଳ, ଶ୍ୟାମଳ ସିଲ ଓ ଜୁମାରାଣୀ ମଣ୍ଡଳ, ସମ୍ପାଦକ ହରିଶ ଚନ୍ଦ୍ର କର, ଯୁଗ୍ମ ସମ୍ପାଦକ ସନାତନ ନାୟକ, ସାଙ୍ଗଠନିକ ସମ୍ପାଦକ ସାନୁ ମାଢ଼ି, ମାନସ ରଞ୍ଜନ ନାୟକ, କମଳାକାନ୍ତ ସେଠୀ, ଅରୁଣ ବେହେରା ଓ କମଳାକାନ୍ତ ସାହୁ, କୋଷାଧ୍ୟକ୍ଷ ଭାବେ ବିଷ୍ଣୁରଞ୍ଜନ ସରକାର ଓ କାର୍ଯ୍ୟ ନିରୀକ୍ଷକ ଭାବେ ସୂରଜ କୁମାର ଖଣ୍ଡପାଣି ଚୟନ ହୋଇଛନ୍ତି। ଉପଦେଷ୍ଟା ଭାବେ ଦାମୋଦର ଦୁରୁଲା, ନବକିଶୋର ମଲ୍ଲିକ, ଧ୍ରୁବଚରଣ ନାୟକ, ସମୀର ଗୋପ ଓ ଅକ୍ଷୟ କୁମାର ପଣ୍ଡା ରହିଛନ୍ତି।

### ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ

ଜୟପୁର,୩।୧୧ (ନି.ପ୍ର.)-ଜୟପୁରସ୍ଥିତ ଯାଦବ ଭବନରେ ବୁଧବାର ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ୱର୍ଗତ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ଜିଲା ସଭାପତି ମଦନ ମୋହନ ନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ନବୀନ ମାଦଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାହିତ୍ୟିକ ଡ. ସୁରେଶ ଦାସ ମୁଖ୍ୟବକ୍ତା, ସମ୍ମିଳନୀର ସଙ୍ଗଠନ ସମ୍ପାଦକ କବିରାଜ ପରମେଶ୍ୱର ପାତ୍ର ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଅଧାପକ ଡ. ଦେବୀପ୍ରସାଦ ହୋତା, ଶ୍ରୀରାମ ପ୍ରସାଦ ପଟ୍ଟନାୟକ, ବି.ଭି. ରାମଣା ସ୍ୱର୍ଗତ ବକ୍ସିପାତ୍ରଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍କଳ ସମ୍ମିଳନୀର ଜିଲା ଉପସଭାପତି ରାଜେନ୍ଦ୍ର ଗୌଡ, ଭେଙ୍କଟରାଓ ପଟ୍ଟନାୟକ, କୋଷାଧ୍ୟକ୍ଷ ନରେଶ ମହାକୁଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ଡକାୟତି ମାମଲାରେ ୪ ଗିରଫ

ସେମିଲିଗୁଡା,ସୁନାବେଡା, ୩।୧୧ (ସ୍ୱ.ପ୍ର.) ଛୁରି ଦେଖାଇ ଜଣେ କାର ମାଲିକଙ୍କଠାରୁ ଟଙ୍କା ଲୁଟ୍ ଘଟଣାରେ ସେମିଲିଗୁଡ଼ା ପୋଲିସ ୪ ଜଣଙ୍କୁ ଅଟକ ରଖି ଅଧିକ ପଚରାଉଚୁରା ପରେ ସେମାନଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁନାବେଡା ମୋହନପଡାର ବାବୁ ପ୍ରଧାନଙ୍କ ପୁଅ ଦିଲୀପ ପ୍ରଧାନ,ସେମିଲିଗୁଡା ନେହେରୁ ନଗରର ରମେଶ ସାହୁ ପୁଅ ଆଦିତ୍ୟ ସାହୁ, ସୁନାବେଡା ଏଇଏଫ୍ ମାର୍କେଟ ଅଞ୍ଚଳର କାଳୁ ଚରଣ ପ୍ରଧାନଙ୍କ ପୁଅ ସିଦ୍ଧାନ୍ତ ପ୍ରଧାନ, କାକିଗାଁର ତ୍ରିନାଥ କଣ୍ଡାଙ୍କ ପୁଅ ନିଖିଳ କଣ୍ଡା। ଏଥିସହ ସେମାନଙ୍କ ନିକଟରୁ ୨ଟି ଦାମୀ ବାଇକ୍ ୫ଟି ମୋବାଇଲ ଫୋନ ଓ ୨ହଜାର ଟଙ୍କା ପୋଲିସ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ବିହାର ବକ୍ସସର ଅଞ୍ଚଳ ଡୁମୁକି ଗ୍ରାମର ଶମ୍ଭୁ କୁମାର ବୁଧବାର ସନ୍ଧ୍ୟା ୭ଟାରେ ନିଜ କାର (ଏଚଆର ୨୬ ବିକେ- ୮୨୫୦) ଯୋଗେ ବିଜୟ ନଗର ଯାଉଥିଲେ। ସେମିଲିଗୁଡା ପେଟ୍ରୋଲ ପମ୍ପ ନିକଟରେ ୨ଟି ବାଇକ୍‌ରେ ୪ଜଣ ଯୁବକ ଆସି ଗାଡ଼ି ଅଟକାଇବା ସହ ଛୁରି ଦେଖାଇ ଶମ୍ଭୁଙ୍କଠାରୁ ଗାଡିଟିବିସହ ଟଙ୍କା ଲୁଟି ନେଇଥିଲେ। ସେ ସେମିଲିଗୁଡା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ର କେସ ନଂ. ୧୬୫/୨୨ରେ ମାମଲା ରୁଜୁକରି ଏହାର ତଦନ୍ତ କରୁଛନ୍ତି।



ବ୍ରିଜ୍ ତଳକୁ ଖସିପଡ଼ିଥିବା ଟ୍ରକ୍।

## ବ୍ରିଜ୍ ତଳକୁ ଓଲଟିଲା କୋଇଲା ବୋଝେଇ ଟ୍ରକ୍

**ଜୟପୁର,୩।୧୧(ନି.ପ୍ର.)**

ଗୁରୁବାର ଭୋର ସମୟରେ ରଣ୍ଡାପାଲ୍ଲି ବ୍ରିଜ୍‌ଠାରେ ଭାରସାମ୍ୟ ହରାଇ ଏକ କୋଇଲା ବୋଝେଇ ଟ୍ରକ୍ ଓଲଟିପଡ଼ିଛି। ଏଥିରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଜୟପୁର ଦେଇ ବୋରିଗୁମ୍ମା ଅଭିମୁଖେ ଯାଉଥିବା ଏହି ଟ୍ରକ୍‌ଟି ରଣ୍ଡାପାଲି ବ୍ରିଜ୍ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଖବର ପାଇ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଟ୍ରକ୍ ଭିତରୁ ଡ୍ରାଇଭର ଓ ହେଲ୍‌ପରଙ୍କୁ ଉଦ୍ଧାରକରି ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଜଣକ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଜୟପୁର ସଦର ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ଅବସରପ୍ରାପ୍ତ କର୍ମଚାରୀ

**ମାଲକାନଗିରି,୩।୧୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସେମାନଙ୍କ ବିଭିନ୍ନ ଦାବି ନେଇ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘ ସମ୍ପାଦକ ରବୀନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ଦେଇଥିଲେ। ସେମାନଙ୍କ ଦାବିଗୁଡିକ ମଧ୍ୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କୁ ମାସିକ ସ୍ୱାସ୍ଥ୍ୟ ଭତ୍ତା, ପୁରାତନ ପେନ୍‌ସନ ଯୋଜନା ଲାଗୁ କରିବା, ଜାନୁୟାରୀ ୨୦୨୦ରୁ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ସ୍ଥଗିତ ୧୮ ମାସର ବର୍ଦ୍ଧିତ ଭତ୍ତା ପ୍ରଦାନ, ୬୫ ବର୍ଷ ପରେ ଅତିରିକ୍ତ ଭତ୍ତା ପ୍ରଦାନ, ସର୍ବନିମ୍ନ ପେନ୍‌ସନ ୮୩୦୦ ରୁ ୧୨ ହଜାରକୁ ବୃଦ୍ଧି, ସମସ୍ତ ବରିଷ୍ଠ ନାଗରିକଙ୍କୁ ଟ୍ରେନ୍‌ରେ ଯାତାୟାତରେ ରିହାତି ଆଦି ଦାବି ରହିଛି। ଏଥିସହ ସେମାନେ ମାଲକାନଗିରି ଜିଲାରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରତି ମାସରେ ସ୍ୱାସ୍ଥ୍ୟ ପରୀକ୍ଷା ସହ ଉତ୍ତମ ଚିକିତ୍ସା, ବ୍ୟାଙ୍କଗୁଡିକରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲିବା, ୮୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ତାଙ୍କ ଘରେ ନେଇ ଭତ୍ତା ଦେବା ଆଦି ଦାବି କରିଛନ୍ତି। ପୂର୍ବତନ ସଭାପତି ରଥିକୃଷ୍ଣ ପାତ୍ର, ଦୁର୍ଯ୍ୟୋଧନ ପାତ୍ର, ପ୍ରକାଶ ପଟ୍ଟନାୟକ, ସଭାପତି ସୀମାଞ୍ଚଳ ପାଣିଗ୍ରାହୀ, ଉପସଭାପତି ନବ ସାହୁ, ସହ ସମ୍ପାଦକ ସୀମାଚଳ ପଣ୍ଡା, କୋଷାଧ୍ୟକ୍ଷ ମଦନ ମୋହନ ନାୟକ, ବାଲାରାଜୁ ପାଢ଼ୀଙ୍କ ସମେତ ଶତାଧିକ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ଦାବିପତ୍ର ଦେଉଛନ୍ତି।

## ଏଏପିର କର୍ମୀ ସମ୍ମିଳନୀ



**ମାଥିଲି,୩।୧୧(ଡି.ଏନ.ଏ.)**

ମାଥିଲି ଶହୀଦ ଲକ୍ଷ୍ମଣ ନାୟକ ଭବନଠାରେ ଆମ୍ ଆଦମୀ ପାର୍ଟି (ଏଏପି)ର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ଯୋଗଦେଇ କର୍ମୀମାନଙ୍କୁ ତ୍ରୃଣମୂଳ ସ୍ତରରୁ ସଙ୍ଗଠନକୁ ମଜବୁତ କରିବାକୁ ପରାମର୍ଶ ଦେଇଥିଲେ। ଦିଲ୍ଲୀ ଓ ପଞ୍ଜାବରେ ଏଏପି ସରକାର ମାଗଣା ଶିକ୍ଷା, ସ୍ୱାସ୍ଥ୍ୟ ସେବା, ବିଦ୍ୟୁତ୍, ରୋଜଗାର ଓ ମୌଳିକ ସୁବିଧା ପ୍ରତ୍ୟେକ ଘରେ ଯୋଗାଇ ଦେଉଛି। ସ୍ଥାନୀୟ ସମସ୍ୟାକୁ ନେଇ ସରକାରଙ୍କୁ ଜଣାଇ ତାର ଉଚିତ ସମାଧାନ ଦିଗରେ କିଭଳି ଆନ୍ଦୋଳନ କରାଯିବ ସେନେଇ ମହାପାତ୍ର କର୍ମୀମାନଙ୍କୁ ଅବଗତ କରିଥିଲେ। ମାଥିଲି ବ୍ଲକର ହଳଦୀକୁଣ୍ଡ ଗ୍ରାମରେ ଅଜଣା ରୋଗରେ ମୃତ୍ୟୁ ବରଣ କରିଥିବା ପରିବାରଙ୍କୁ ଉଚିତ ନ୍ୟାୟ ଓ କ୍ଷତିପୂରଣ ଆଗାମୀ ଦିନରେ ପାଇଁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ କୋରାପୁଟ ପର୍ଯ୍ୟବେକ୍ଷକ ସତ୍ୟଜିତ ମହାନ୍ତି, ଜୟପୁର ନିର୍ବାଚନ ମଣ୍ଡଳୀ ସଭାପତି ଅନିଲ ପାତ୍ର, ମାଥିଲି ବ୍ଲକ ସଭାପତି ସନ୍ତୁ ବିଶ୍ୱାସ, ସକ୍ରିୟ କର୍ମୀ ଆଇନଜୀବୀ ରବିନ୍ଦ୍ର ନାଥ ମାଢ଼ି ଉପସ୍ଥିତ ଥିଲେ। ଜିଲା ସଭାପତି କେ. ଦେଶୀରାଜୁ ଅଚାରୀ ସମସ୍ତ କର୍ମୀଙ୍କୁ ଶପଥ କରାଇଥିଲେ।

## କୋରାପୁଟରେ ବିଜେଡିର ଜନସମ୍ପର୍କ ଯାତ୍ରା

**କୋରାପୁଟ,୩।୧୧(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ବୁଧବାର କୋରାପୁଟ ବିଜେଡି ପକ୍ଷରୁ ଏକ ଜନସମ୍ପର୍କ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡ଼ାଲଙ୍କ ନେତୃତ୍ୱରେ ସ୍ଥାନୀୟ ବିଜୁ ପାଠାଗାରଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାରେ ବିଜେଡି ଯୁବନେତା ତଥା ଏସ୍‌ଡିସି ଉପଦେଷ୍ଟା ପ୍ରଦୀପ ମାଝି, କୋରାପୁଟ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ (ଏସ୍‌ଡିସି) ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, ଜିଲା ବିଜେଡି ଯୁବ ସଭାପତି ତଥା ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ , ଜିଲା ବିଜେଡି ମହିଳା ସଭାପତି ପାର୍ବତୀ ମସ୍ତି, ରଘୁରାମ ମାଛ, ପିଣ୍ଟୁ ସାହୁଙ୍କ ସମେତ ସମସ୍ତ ଦଳୀୟ କାଉନସିଲର ଓ କର୍ମୀମାନେ ସାମିଲ ହୋଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। କୋରାପୁଟ ଚନ୍ଦନ ପୋଖରୀସ୍ଥିତ ବିଜୁ ପାଠାଗାରରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ପୂଜାରିପୁଟ କଲ୍ୟାଣ ମଣ୍ଡପଠାରେ ଶେଷ ହୋଇଥିଲା।




ପଦଯାତ୍ରାରେ ସାମିଲ ହୋଇଥିବା ବିଜେଡି ନେତା ଓ କର୍ମୀ।

## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

**ଜୟପୁର, ୩।୧୧ (ନି.ପ୍ର.)**

ଜୟପୁର ବ୍ଲକ ପକ୍ଷରୁ ଗୁରୁବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଛି। ବ୍ଲକ ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର ପ୍ରମୁଖ ଯୋଗଦେଇ ନିଜ ମତ ରଖିଥିଲେ। ଏହି ଅବସରରେ ବ୍ଲକ ଅଧୀନରେ ଥିବା ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ, ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ବ୍ଲକ କର୍ମଚାରୀଙ୍କୁ ସଚେତନ କରାଯାଇଥିଲା। ଏକ ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତିମୁକ୍ତ ଭାରତ ଗଠନ ନିମନ୍ତେ ସମସ୍ତେ ସଂକଳ୍ପ ନେଇଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ସାବେରୀ ନଦୀରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ମାଲକାନଗିରି,୩।୧୧ (ଡି.ଏନ.ଏ.)**

ମାଲକାନଗିରି ଜିଲା ପଡିଆ ବ୍ଲକ ନିକଟ ପଡୋଶୀ ରାଜ୍ୟ ଛତିଶଗଡକୁ ନଦୀରେ ପହଁରି ସାପ୍ତାହିକ ହାଟକୁ ଯାଇ ନିଖୋଜ ହୋଇଥିବା ବ୍ୟକ୍ତିଙ୍କ ମୃତଦେହ ତିନିଦିନ ପରେ ସାବେରୀ ନଦୀରୁ ମିଳିଛି। ନିଲିଗୁଡା ପଞ୍ଚାୟତ ନନ୍ଦୀୱାଡା ଗ୍ରାମର ଉଙ୍ଗା କାରାମି ମଙ୍ଗଳବାର ଛତିଶଗଡର ସୁକୁମା ଜଲାର ଏକ ଗ୍ରାମରେ ହେଉଥିବା ସପ୍ତାହିକ ହାଟକୁ ସାବେରୀ ନଦୀ ପାର ହୋଇ ହାଟ କରିବାକୁ ଯାଇଥିଲେ। ତେବେ ହାଟ ସାରି ଉଙ୍ଗା ଘରକୁ ଆଉ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରି କୌଣସି ସନ୍ଧାନ ନ ପାଇବାରୁ ଉଙ୍ଗା କାଳେ ନଦୀରେ ଭାସି ଯାଇଥିବେ ଆଶଙ୍କା କରି ବୁଧବାର ପଡିଆ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମବାହିନୀ ପକ୍ଷରୁ ଅଧିକାରୀ ବୀରେନ୍ଦ୍ର ସିଂ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ଖୋଜା ଖୋଜି କରିଥିଲେ। ଶେଷରେ ଗୁରୁବାର ସେଠାରୁ ଦୁଇ କିମି ଉସକାଲ ବାଗ ଗ୍ରାମ ନିକଟରୁ ଉଙ୍ଗାଙ୍କ ମୃତଦେହ ମିଳିଥିଲା। ପୋଲିସ ମୃତଦେହ ଜବଦ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ପୋଖରୀରେ ବୁଡି ଯୁବକଙ୍କ ମୃତ୍ୟୁ

**ପଟ୍ଟାଙ୍ଗି,୩।୧୧(ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ମେଟାଗୁଡା ଗ୍ରାମର ଜଣେ ଯୁବକ ଗୁରୁବାର ପୋଖରୀରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେହେଲେ ଗ୍ରାମର ଗାହିମ ଗେମେଲ (୪୦)। ଗାହିମ ପୋଖରୀରେ ଗାଧେଇବାକୁ ଯାଇଥିବା ବେଳେ ପାଣିରେ ଗୋଡ଼ ଖସି ଯିବାରୁ ବୁଡିଯାଇଥିଲେ। ପଟ୍ଟାଙ୍ଗି ଅଗ୍ନିସେବା ବିଭାଗ ଅଧିକାରୀ ଚିତରଞ୍ଜନ ସେଠୀ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ପୋଖରୀରେ ଖୋଜାଖୋଜି କରି ଗେମେଲ ମୃତଦେହ ଉଦ୍ଧାର କରି କୁନ୍ଦୁଲି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## କେସିସି ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ: ଅପହରଣ ନେଇ ଥାନାରେ ଅଭିଯୋଗ କଲେ ପରାଜିତ ପ୍ରାର୍ଥୀ

**ମାଲକାନଗିରି,୩।୧୧ (ଡି.ଏନ.ଏ.)**

ମାଲକାନଗିରି କେସିସି ବ୍ୟାଙ୍କରେ ଡାଇରେକ୍ଟର ପଦବୀ ପାଇଁ ବିଗତ ଦିନରେ ନିର୍ବାଚନ ହୋଇଥିଲା। ଏଥିରେ ହଳଧର କୋପେ ନାମାଙ୍କନ ଦାଖଲ କରିଥିଲେ। ମାତ୍ର ନିର୍ବାଚନ ଦିନ ହଳଧର ନିଜ ଏଜେଣ୍ଟଙ୍କ ପାଖକୁ ଯିବା ସମୟରେ ତାଙ୍କୁ କେତେ ଜଣ ଯୁବକ ଅପହରଣ କରି ନେଇଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କୁ ତାଙ୍କୁ ମାଡ ମାରିବା ସହ ତାଙ୍କ ଚୁଟି କାଟି ଦେଇଛନ୍ତି। ନିର୍ବାଚନ ସରିବା ପରେ ତାଙ୍କୁ ସେମାନେ ଛାଡି ଦେଇଥିଲେ। ନିର୍ବାଚନରେ ପ୍ରତିଦ୍ୱନ୍ଦିତା ସମୟରେ ତାଙ୍କ ପ୍ରତିଦ୍ୱନ୍ଦ୍ୱି ବିଜେଡି ସମର୍ଥିତ ପ୍ରାର୍ଥୀ ଗୋପୀ ପାଙ୍ଗି ତାଙ୍କୁ ନିର୍ବାଚନରୁ ଓହରିଯିବାକୁ ବାଧ୍ୟ କରିଥିଲେ। ଦଳର ଅନ୍ୟଜଣେ ନେତା ଉଦୟମାଦ୍ରୀ ମଧ ତାଙ୍କୁ ଭୟଭୀତ କରି ତୁ ଆମ ସହ ଲଢିଜିତି ପାରିବୁ ନାହିଁ ବୋଲି କହି ନିର୍ବାଚନରୁ ଓହରିଯିବା ପାଇଁ କହିଥିବା ହଳଧର ପ୍ରକାଶ କରିଛନ୍ତି। ଏହି ଦୁଇ ଜଣଙ୍କ ବିରୋଧରେ ହଳଧର ଗୁରୁବାର ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ଥାନା ଅଧିକାରୀଙ୍କୁ ପଚାରିବାରୁ ସେ ଏହି ମାମଲାକୁ ନେଇ ତଦନ୍ତ କରାଯାଇ ଉଚିତ ପଦକ୍ଷପ ନିଆଯିବ ବୋଲି କହିଛନ୍ତି।

## ସରକାରୀ ମହାବିଦ୍ୟାଳୟରେ ୬ ନୂତନ ପାଠ୍ୟକ୍ରମ

**କୋରାପୁଟ,୩।୧୧(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଅନୁମୋଦନ ପରେ କୋରାପୁଟ ସରକାରୀ ମହାବିଦ୍ୟାଳୟରେ ଆରମ୍ଭ ହୋଇଛି ୬ଟି ନୂତନ ବିଷୟରେ ସ୍ନାତକୋତର(ପିଜି) ପାଠ୍ୟକ୍ରମ। ଏନେଇ ଗୁରବାରଠାରୁ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀପକ ପଟ୍ଟନାୟକ କହିଛନ୍ତି। ମହାବିଦ୍ୟାଳୟରେ ଗଣିତ , ରାଜନୀତି ବିଜ୍ଞାନ, ପ୍ରାଣୀ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ଏହି ପିଜି ପାଠ୍ୟକ୍ରମ ପ୍ରଚଳିତ ହେବ।

## ଜିଲା, ରାଜ୍ୟପାଇଁ ଗୌରବ ଆଣିଲେ ଅନ୍ୱେଷ୍

**ସୁନାବେଡା/ସେମିଲିଗୁଡା, ୩।୧୧ (ସ୍ୱ.ପ୍ର.)**

ବିଶାଖାପାଟଣାସ୍ଥିତ ଦାମୋଦରମ ସର୍ବୋଦୟ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଲିଗାଲ ଇନକ୍ୟୁବେଶନ ସେଣ୍ଟର ଦ୍ୱାରା ଆୟୋଜିତ ଜାତୀୟ ସ୍ତରୀୟ ଅପରାଧ ଘଟଣା ଅନୁସନ୍ଧାନ ୪.୦" ପ୍ରତଯୋଗିତାରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡ଼ିଶା ଦଳର ଅନ୍ୱେଷ କୁମାର ଖେମୁଣ୍ଡୁ, ଆର୍ଯ୍ୟାମା ସିଂ ରାଜପୁତ ଓ ସସିନ୍ଧି ପ୍ରକାଶ ପ୍ରଥମ ସ୍ଥାନ ଅଧିକାର କରି ଜିଲା ଓ ରାଜ୍ୟପାଇଁ ଗୌରବ ଆଣିଛନ୍ତି। ଏହି କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରୁ ଶତାଧିକ ଦଳ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଅନ୍ୱେଷ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ତୃତୀୟ ବର୍ଷର ଛାତ୍ର ଓ କୋରାପୁଟ ଜିଲା ସେମିଲିଗୁଡାର ବାସିନ୍ଦା ଅଟନ୍ତି। ଜାତୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ଜନଜାତି ଅଧ୍ୟୟନ ବିଭାଗର ସଦସ୍ୟ ଥିବା ଅନ୍ୱେଷ ପୂର୍ବରୁ ମଧ୍ୟ ବହୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଛନ୍ତି। ମାଲକାନଗିରି ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ ଓ ତପସ୍ୱିନୀଙ୍କ ପୁଅ ହେଉଛନ୍ତି ଅନ୍ୱେଷ ।

## ଛାତ୍ରୀଛାତ୍ରଙ୍କୁ ନିସ୍ତୁକ ମାଡ଼ ମାରିଲେ ପ୍ରଧାନଶିକ୍ଷକ

**କୋରୁକୋଣ୍ଡା, ୩।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମଟାପାଲି ପଞ୍ଚାୟତର ସୁବର୍ଣ୍ଣପୁର ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଗୁରୁବାର ଛାତ୍ରୀଛାତ୍ରଙ୍କୁ ମାଡ଼ ମାରିଛନ୍ତି। ଏଥିରେ କେତେକ ଛାତ୍ରଛାତ୍ରୀ ଗୁରୁତର ହୋଇଛନ୍ତି। ଏହାର ପ୍ରତିବାଦରେ ଗ୍ରାମବାସୀ ବିଦ୍ୟାଳୟ ଘେରାଉ କରିଥିଲେ। ଖବରରୁ ଜଣାପଡିଛି, ମଙ୍ଗଳବାର ବିଦ୍ୟାଳୟର ୪ର୍ଥ ଶ୍ରେଣୀ ପିଲାଙ୍କୁ ପ୍ରଧାନଶିକ୍ଷକ ରଞ୍ଜନ ବେହେରା ଗଣିତ ପାଠ ପଢ଼ାଉଥିଲେ। ତାଙ୍କର କିଛି ପ୍ରଶ୍ନର ଉତ୍ତର ଛାତ୍ରୀଛାତ୍ରମାନେ ଦେଇ ପାରି ନ ଥିଲେ। ଫଳରେ ସେ ବିରକ୍ତ ହୋଇ ଏକ ବାଉଁଶ ବେତରେ ଛାତ୍ରୀଛାତ୍ରଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏ ସମ୍ପର୍କରେ ୪ର୍ଥ ଶ୍ରେଣୀର ୧୦ ଜଣ ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ୭ ଜଣଙ୍କୁ ପ୍ରଧାନଶିକ୍ଷକ ବେହେରା ମାଡ଼ ମାରିଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ପିଲାଙ୍କଠାରୁ ଏନେଇ ଜାଣିବା ପରେ ଗୁରୁବାର ସୁବର୍ଣ୍ଣପୁର ଗ୍ରାମବାସୀ ବିଦ୍ୟାଳୟ ଘେରାଉ କରିଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ବେହେରାଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କ ପାଠ ପଢ଼ାରେ ଅବହେଳା ହେତୁ ରାଗି ଯାଇ ସେ ମାଡ଼ ମାରିଥିବା ସ୍ୱୀକାର କରିଥିଲେ। ତୁରନ୍ତ ଶିକ୍ଷା ବିଭାଗ ପକ୍ଷରୁ ପ୍ରଧାନ ଶିକ୍ଷକ ବେହେରାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗ୍ରାମର ୱାର୍ଡ ମେମ୍ବର ଲକ୍ଷ୍ମୀ ଡଳିଆ, ବିଦ୍ୟାଳୟ ସଭାପତି ଧନ ପରଜା, ସର୍ବେଶ୍ୱର ବେହୁରିଆ, ଚନ୍ଦ୍ର ହନ୍ତାଳ, ଧନ ପଡ଼ିଆମୀ, ହୃଷିକେଶ ପୂଜାରୀ, ମୁକେଶ ମାଡକାମୀ, କଞ୍ଜୁଲା ପାଙ୍ଗିଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ବିଭାଗ ଏଥିପ୍ରତି ଅଣଦେଖା କଲେ ଅଗାମୀ ଦିନରେ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। କୋରୁକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରିଙ୍କୁ ପଚାରିବାରୁ ସେ ଶୁକ୍ରବାର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ବିଦ୍ୟାଳୟକୁ ପଠାଇ ତଦନ୍ତ କରିବେ। ଅଭିଯୋଗର ସତ୍ୟତା ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ।

**ସ୍କୁଲ ଘେରିଲେ ଗ୍ରାମବାସୀ**



ବିଦ୍ୟାଳୟ ଘେରାଉ କରିଥିବା ଗ୍ରାମବାସୀ।

## ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଚନ୍ଦାହାଣ୍ଡି,(ଡି.ଏନ୍.ଏ.) - ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଥାନା କଛାରପଡ଼ା ଗ୍ରାମରେ ଜଣେ ଯୁବକ ବେକରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ମହେନ୍ଦ୍ର ମାଝି (୨୪)। ପୋଲିସ ବ୍ୟବଚ୍ଛେଦ କରାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ବାପା ଘେନୁ ମାଝିଙ୍କ ଏତଲାକ୍ରମେ ଚନ୍ଦାହାଣ୍ଡି ପୋଲିସ କେସ୍ ନ.୧୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏହାର ତଦନ୍ତ ଭାର ଏଏସ୍ଆଇ ହୃଷୀକେଶ ପଟେଲଙ୍କୁ ଦିଆଯାଇଛି ବୋଲି ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ କହିଛନ୍ତି।

### ସଂକ୍ଷେପରେ

## ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର



ଝରିଗାଁ, ୩।୧୧(ସ୍ୱ.ପ୍ର.)-ନବରଙ୍ଗପୁର ଜିଲା ଝରିଗାଁ ସଦର ମହକୁମାସ୍ଥିତ ସରକାରୀ ନୋଡାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଇଓ ଜଗନ୍ନାଥ ଧରୁଆ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିରେ ବ୍ଲକର ସମସ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମାଝି, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ଜିଲା ପରିଷଦ ସଭ୍ୟା ଯମୁନା ଗଣ୍ଡ, ଏବିଇଓ ଦଶରଥ ଗଣ୍ଡ, ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ରୋହିଣୀ ହଜାରୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ କିପରି ଗୁଣାତ୍ମକ ଶିକ୍ଷା ମିଳିବ ସେ ନେଇ ଏମ୍‌ପି ଗୁରୁତ୍ୱ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ୨୦ କ୍ଲଷ୍ଟରର ସିଆର୍‌ସିସି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ର ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ।

## ଜବ୍‌କାର୍ଡଧାରୀଙ୍କୁ କାମ ଯୋଗାଇବା ଦାବି

ତେନ୍ତୁଲିଖୁଣ୍ଟି, ୩।୧୧(ଡି.ଏନ୍.ଏ.)- ତେନ୍ତୁଲିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜାତୀୟ ସାମାଜିକ ସୁରକ୍ଷା ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା, ମମତା ଯୋଜନା ଉପରେ ବିସ୍ତୃତଭାବେ ଆଲୋଚନା କରାଯାଇଛି। ଅନେକ ଗ୍ରାମରେ ଅଙ୍ଗନୱାଡି ସମସ୍ୟା ରହିଛି। କେତେକ ସ୍ଥାନରେ ଅଙ୍ଗନୱାଡି ଗୃହ ନାହିଁ ତ କେତେ ଜାଗାରେ ଅଙ୍ଗନୱାଡି ଗୃହ ଅର୍ଦ୍ଧନିର୍ମିତ ହୋଇ ପଡ଼ିରହିଛି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ନାରାୟଣ ପାତ୍ର କହିଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା କଲଭର୍ଟ ଅଧିକ ତିଆରି ହେଲେ ଲୋକେ ଏହାର ସୁବିଧା ପାଇବେ ବୋଲି ଜିଲା ପରିଷଦ ଜୋନ୍ ୨ର ସଭ୍ୟ ରତିକାନ୍ତ ପଣ୍ଡା କହିଥିଲେ। ବରଡ଼ା ଝୋଡ଼ି, ଲଦିପଦର, ମଧୁଗୁଲୁମି ଗ୍ରାମକୁ ତୁରନ୍ତ ରାସ୍ତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗାଁ ପାଖରେ ଟଙ୍କା ଉଠାଣ ବ୍ୟବସ୍ଥା ନ ଥିବାରୁ ପେନ୍‌ସନ ଟଙ୍କା ବ୍ୟାଙ୍କରେ ନ ଦେଇ ସିଧାସଳଖ ଦେବାକୁ ମତ ପ୍ରକାଶ ପାଇଛି। ଜବ୍‌କାର୍ଡଧାରୀଙ୍କୁ କାମ ଦେବାକୁ ପାତ୍ରପୁଟ ସମିତି ସଭ୍ୟ ଦିଲୀପ ପ୍ରଧାନୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ବିଡିଓ ଦୁର୍ଯ୍ୟୋଧନ ଭୋଇ, ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ପଞ୍ଚାୟତ ସମିତି ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ, ଏବିଡିଓ କୃପାସିନ୍ଧୁ ନାୟକ, ଜିଲା ସାମାଜିକ ସମୀକ୍ଷକ ବହିବସୁଧ ଚାଲାଣ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସୁରମା ମହାପାତ୍ର, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ନାରାୟଣ ପାତ୍ର, ଭରସା ଏନ୍‌ଜିଓ ସଭାପତି ଏଲ୍. ସନ୍ତୋଷ ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ସାମାଜିକ ସମୀକ୍ଷକ ପି.ସୁନୀଲ କୁମାର ଜନଶୁଣାଣି ଶିବିର ପରିଚାଳନା କରିଥିଲେ।

# ନବରଙ୍ଗପୁର କଲେଜକୁ ସରକାରୀ ମାନ୍ୟତା ଦାବି

ନବରଙ୍ଗପୁର, ୩।୧୧ (ବି.ପ୍ର.)

ଦୀର୍ଘ ୫୨ ବର୍ଷ ଧରି ଅବହେଳିତ ନବରଙ୍ଗପୁର କଲେଜକୁ ସରକାରୀ କଲେଜ ଘୋଷଣା କରିବା ପାଇଁ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି ପକ୍ଷରୁ ଦାବି କରାଯାଇଛି। ଆଲୁମ୍‌ନି କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ପ୍ରାୟ ୫୦ ଏକରରୁ ଊର୍ଦ୍ଧ୍ୱ ଜମି ସହ ସମସ୍ତ ଆନୁଷଙ୍ଗିକ ଭିତ୍ତିଭୂମି ରହିଥିବା ଏହି ମହାବିଦ୍ୟାଳୟ ସ୍ଥାପନକୁ ୫୨ ବର୍ଷ ହେଲାଣି। ତଥାପି ମଧ୍ୟ ଏହାକୁ ସରକାରୀ କଲେଜ ଘୋଷଣା କରାଯାଇନାହିଁ। ବିଭିନ୍ନ ସମୟରେ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ସଂଗଠନ ପକ୍ଷରୁ ସରକାରୀ କଲେଜ ଘୋଷଣା ପାଇଁ ସ୍ମାରକପତ୍ର ପ୍ରଦାନ ଓ ଆନ୍ଦୋଳନ ହୋଇ ହୋଇ ଆସୁଛି। ଚଳିତବର୍ଷ କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ। ଏବେ ପୁଣି ସମସ୍ତ ପୁରାତନ ଛାତ୍ରୀଛାତ୍ର କଲେଜକୁ ସରକାରୀ ମାନ୍ୟତା ଦାବି ଦୋହରାଇଛନ୍ତି। ଡିସେମ୍ବର ୧୬,୧୭,୧୮ରେ ସୁବର୍ଣ୍ଣ ଜୟନ୍ତୀ ପାଳନ ହେବାକୁ ଥିବାବେଳେ ସରକାରୀ କଲେଜ ଘୋଷଣା ନିହାତି ଜରୁରୀ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଅନେକ ପୁରାତନ ଛାତ୍ରୀଛାତ୍ର, ସୁବର୍ଣ୍ଣ ଜୟନ୍ତୀ କମିଟି, ବଣିକ ସଂଘ, ଟ୍ରାକ୍ଟର ସଂଘ, ଠିକାଦାର ସଂଘ ଭଳି ସଂଗଠନ କଲେଜକୁ ସରକାରୀ କଲେଜ ଘୋଷଣା କରିବା ପାଇଁ ଦାବି କରିଛନ୍ତି।



ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

ବଣିକ ସଂଘ ସମ୍ପାଦକ ପି.ଏଲ୍. ମୂର୍ତ୍ତି, ସହ ସମ୍ପାଦକ ପି. ଭେଙ୍କଟ, ଠିକାଦାର ସଂଘ ସଭାପତି ତଥା ଲାଇନ୍ସ କ୍ଲବ ସଭାପତି ଜଗନ୍ନାଥ ମହାପାତ୍ର, ଟ୍ରାକ୍ଟର ୟୁନିୟନ ସଭାପତି କାହ୍ନୁ ଦାସ ଓ ସମ୍ପାଦକ ଜଗନ୍ନାଥ ସଗରିଆଙ୍କ ସ୍ୱାକ୍ଷରିତ ସ୍ମାରକପତ୍ର ପ୍ରଦାନ ବେଳେ କଲେଜ ଆଲୁମ୍‌ନି କମିଟି ସଭାପତି ଗଣେଶ ଦାଶ, ଉପସଭାପତି ପ୍ରଭାକର ପାତ୍ର, ସମ୍ପାଦିକା ସଙ୍ଗୀତା ତ୍ରିପାଠୀ, ସହସମ୍ପାଦକ ଦେବଦାସ ମହାକୁଡ, କୋଷାଧକ୍ଷା ସ୍ୱର୍ଣ୍ଣଲତା ପଟ୍ଟନାୟକ, ସଦସ୍ୟ ସୁରେଶ ମହାନ୍ତି, ଶିବଶଙ୍କର ତ୍ରିପାଠୀ, ମନୋଜ ପଟ୍ଟନାୟକ, ପୂର୍ବତନ ଛାତ୍ର ତଥା ଭିଜନ ନବରଙ୍ଗପୁର ଆବାହକ ବୀରେନ୍ଦ୍ର ମୋହନ ନାୟକ, କ୍ରୀଡ଼ା କମିଟି ସଦସ୍ୟ ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ୍ତାହିକ ହାଟରେ ଖୋଲାଖୋଲି ଚାଲିଛି ଖୁଡୁଖୁଡ଼ି ଖେଳ

ଉମରକୋଟ, ୩।୧୧(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ସହର ନିକଟରୁ ଅଳ୍ପ ଦୂରରେ ଥିବା ଜାମରୁଣ୍ଡା ସାପ୍ତାହିକ ହାଟରେ ବେଧଡକ ଚାଲିଛି ଖୁଡୁଖୁଡ଼ି ଖେଳ। ଏହି ଖେଳ ଖୁଲମଖୁଲା ଚାଲିଥିବାରୁ ଉମରକୋଟ ପୋଲିସ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଭିନ୍ନ ମହଲରୁ ଦାବି ହେଉଛି।

ପ୍ରତି ଶୁକ୍ରବାର ଜାମରୁଣ୍ଡାରେ ଏକ ସାପ୍ତାହିକ ହାଟ ବସିଥାଏ। ଉମରକୋଟ-ଛତିଶଗଡ଼ କୋଣ୍ଡାଗାଁକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ କଡରେ ଏହି ହାଟ ବସିଥାଏ। ରାଜ୍ୟ ରାଜପଥରୁ ମାତ୍ର ୫୦ ମିଟର ଦୂରରେ ଏହି ଖୁଡୁଖୁଡି ଖେଳ ଖୁଲମ୍‌ଖୁଲା ଚାଲିଛି। ଏହି ଖେଳକୁ ସ୍ଥାନୀୟ କେତେଜଣ ଯୁବକ ପରିଚାଳନା କରୁଛନ୍ତି। ପ୍ରତି ଶୁକ୍ରବାର ହାଟରେ ୪ରୁ ୫ ଲକ୍ଷ ଟଙ୍କାର ଖେଳ ଚାଲିଥାଏ। ବିଶେଷକରି ଏହି ଖେଳରେ ନିରୀହ ଆଦିବାସୀମାନେ ଶିକାର ହୁଅନ୍ତି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏପରିକି ଜାମରୁଣ୍ଡାର ଆଖପାଖ ଅଞ୍ଚଳରେ ସପ୍ତାହକୁ ୭ଦିନ ଧରି ଖେଳ ଚାଲିଥିବ ଅଭିଯୋଗ ହେଉଛି। ଆଦିବାସୀ ଯୁବକମାନେ ଘରୁ ମକା ଆଉ ଧାନ ଆଣି ହାଟରେ ବିକ୍ରିକରି ଏହି ଖେଳ ଖେଳି ସର୍ବସ୍ୱାନ୍ତ ହୋଇସାରିଲେଣି। ଏହି ଖେଳ ଯୋଗୁ ନିରୀହ ଆଦିବାସୀଙ୍କ ଆର୍ଥିକ ସ୍ଥିତି ଖରାପ ହେଉଥିବାବେଳେ ଖେଳ କରୁଥିବା ବ୍ୟକ୍ତିଙ୍କ ଅବସ୍ଥା ସ୍ୱଚ୍ଛଳ ହେବାରେ ଲାଗିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ନେଇ ଥାନାଧିକାରୀ ଦୀପକ ଜେନାଙ୍କୁ ପଚାରିବାରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

ଡାବୁଗାଁ, ୩।୧୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଭାଗୃହରେ ଏବିଡିଓ ପଦ୍ମନାଭ ତ୍ରିପାଠୀଙ୍କ ଅଧକ୍ଷତାରେ ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ଏଚ୍‌ଜିଙ୍କୁ ଋଣ ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଛି। ଏଥିସହ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ଅଟଳ ପେନ୍‌ସନ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଏଲ୍‌ଡିଏମ୍ ସୁନୀଲ କୁମାର ଜାମୁଡ଼ା, ଡାବୁଗାଁ ଏସ୍‌ବିଆଇ ଶାଖା ପରିଚାଳକ ନୀତୀଶ ସାଇଁ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ଟି. ଗଣ୍ଡ, ସିଡିପିଓ ଗୀତାଞ୍ଜଳି ମହାରଣା, ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ, ଆଇସିଡିଏସ୍ ସୁପରଭାଇଜର ରୋଜାଲିନି ପ୍ରଧାନ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ଭାରପ୍ରାପ୍ତ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ସାରସ୍ୱତ ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତିନ ପାଣିଗ୍ରାହୀ, ଲ୍ୟାମ୍ପସ ଏମ୍‌ଡି ଓ କମିଟି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ବୈଠକକୁ ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ ପରିଚାଳନା କରିଥିଲେ।

## ଦୁର୍ନୀତି ବିରୋଧରେ ସଚେତନକଲେ ଛାତ୍ରୀଛାତ୍ର

ଚନ୍ଦାହାଣ୍ଡି, ୩।୧୧(ଡି.ଏନ୍.ଏ.)

ଚନ୍ଦାହାଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ପାନାବେଡ଼ା ଡିଗ୍ରୀ କଲେଜ, ହାଇସ୍କୁଲ, ଯାଦବ ମାଝି ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଆଇସିଡିଏସ୍, ଓଡ଼ିଶା ଜୀବିକା ମିଶନ ଏବଂ ବ୍ଲକ କର୍ମଚାରୀ ମିଶି ଏକ ଶୋଭାଯାତ୍ରାରେ ଯାଇଥିଲେ। ଲାଞ୍ଚ ବିରୋଧୀ ଓ ଦୁର୍ନୀତିମୁକ୍ତ ସମାଜ ଗଠନ ଲାଗି ପ୍ଲାକାର୍ଡ ଧରି ଲୋକଙ୍କୁ ସଚେତନ କରିଥିଲେ। କଲେଜ ଓ ହାଇସ୍କୁଲସ୍ତରରେ ଦୁର୍ନୀତି ନିବାରଣ ଉପରେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ବ୍ଲକ ସଭାଗୃହରେ ଦୁର୍ନୀତି ନିବାରଣ ଉପରେ ଏକ ବୈଠକ ହୋଇଥିଲା। ବିଡିଓ ଧର୍ମରାଜ ମାଝି, ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ, ନବରଙ୍ଗପୁର ଭିଜିଲାନ୍ସ ଇନ୍ସପେକ୍ଟର ଭୀମସେନ ପୂଜାରୀ ଦୁର୍ନୀତିମୁକ୍ତ ସମାଜ ଗଠନ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଜିପିଇଓ ସୂର୍ଯ୍ୟ ଭତ୍ରା, ସିଡିପିଓ ସୌରେନ୍ଦ୍ରୀ ମହାନନ୍ଦ,ଏପିଓ ସୁରେଶ ନାୟକ, ଭିଜିଲାନ୍ସ କନଷ୍ଟେବଲ ଦିବ୍ୟାନନ୍ଦନ ବେହେରା, ରାମଚନ୍ଦ୍ର ହରିଜନ ପ୍ରମୁଖଙ୍କ ସମେତ ବ୍ଲକ କର୍ମଚାରୀ ଓ ଅଙ୍ଗନୱାଡି କର୍ମୀ,ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ସଚେତନତା ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ଡାକ୍ତରଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ

ନବରଙ୍ଗପୁର,୩।୧୧(ବି.ପ୍ର.)

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ ଆଣିଛନ୍ତି ଡାବୁଗାଁ ଥାନା ଅଞ୍ଚଳର ଜଣେ ଯୁବତୀ। ନବରଙ୍ଗପୁର ପୋଲିସ ଡାକ୍ତରଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ସୂଚନାନୁଯାୟୀ, ଦାନ୍ତ ବ୍ୟଥା ହେଉଥିବାରୁ ଯୁବତୀ ଜଣଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଡାକ୍ତରଙ୍କୁ ଦେଖାଇଥିଲେ। ଏହି ସମୟରେ କେହି ନ ଥିବାର ସୁଯୋଗ ନେଇ ଡାକ୍ତର ଯୁବତୀଙ୍କ ସହ ଦୁର୍ବ୍ୟବହାର କରିଥିବା ପୀଡିତାଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲାରେ ଉଲ୍ଲେଖ ରହିଛି। ପୋଲିସ ଯୁବତୀଙ୍କୁ ନେଇ ଡାକ୍ତରଖାନାରେ ତଦନ୍ତ କରୁଛି। ସେଠାରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ସ୍ଥିତି ପରଖିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ନରେଶ ପ୍ରଧାନ କହିଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ଥାନାରେ ମାମଲା କୌଣସି ମାମଲା ରୁଜୁ ହୋଇନାହିଁ।

## ମହିଳାଙ୍କ ଧାରଣାକୁ ବ୍ଲକ କଂଗ୍ରେସର ସମର୍ଥନ

ଝରିଗାଁ, ୩।୧୧(ସ୍ୱ.ପ୍ର.)

**ମଦ ଦୋକାନ ବନ୍ଦ ଦାବିରେ ୮ଦିନ ହେବ ଚାଲିଛି ଧାରଣା**

ବିଦେଶୀ ଠିପି ଖୋଲା ମଦ ଦୋକାନ ବନ୍ଦ ନେଇ ଝରିଗାଁ ବ୍ଲକ ନାରୀ ମହାସଂଘ ସଦସ୍ୟମାନଙ୍କ ପକ୍ଷରୁ ବ୍ଲକ ଅଫିସ ଆଗରେ ଚାଲିଥିବା ଧାରଣାକୁ କଂଗ୍ରେସ ସମର୍ଥନ ଜଣାଇଛି। ଧାରଣାକୁ ୮ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଏହା ବିରୋଧରେ ଗୁରୁବାର କଂଗ୍ରେସ ନେତାମାନେ ବିଡିଓ ସତ୍ୟନାରାୟଣ ମେହେରଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଶୁକ୍ରବାରଠାରୁ ଦଳୀୟ କର୍ମୀମାନେ ମଧ୍ୟ ମହିଳାଙ୍କ ସହ ଧାରଣାରେ ବସିବେ ବୋଲି ଦଳ ଚେତାବନୀ ଦେଇଛି। ସୂଚନାଯୋଗ୍ୟ ଯେ, ଅଗଷ୍ଟ ୧୪ରେ ଝରିଗାଁ ନାରୀ ମହାସଂଘ ସହ ବ୍ଲକର ଶତାଧିକ ମହିଳା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓ ଏବଂ ତହସିଲଦାରଙ୍କୁ ଦାବିପତ୍ର ଦେଇଥିଲେ। ଅକ୍ଟୋବର ୧୯ରେ ନାରୀ ମହାସଂଘ ବିଡିଓ ଏବଂ ତହସିଲଦାରଙ୍କୁ ସାକ୍ଷାତକରି ଦାବିପତ୍ର ପ୍ରଦାନ କରି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି। ସମାଧାନ ନ ହେଲେ ଧାରଣା ତୀବ୍ର ହେବ ବୋଲି ମହିଳାମାନେ କହିଛନ୍ତି।



କଂଗ୍ରେସ ନେତାମାନେ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com



@ କେସୁଧର



@ ରାଦବ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜୈନ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବାକୁ ଚାଲିଚାଲି ଆସୁଛନ୍ତି ୩ ସାଧୁ

ନବରଙ୍ଗପୁର,୩।୧୧(ବି.ପ୍ର.)

ନବରଙ୍ଗପୁର ସହରର ୧୦୦୮ ଆଦିନାଥ ଦିଗାମ୍ବର ଜୈନ ମନ୍ଦିର ପ୍ରତିଷ୍ଠା ଉତ୍ସବ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଏକ ଖବରଦାତା ସମ୍ମିଳନୀରେ ସମାଜ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରତିଷ୍ଠା ଉତ୍ସବ ପାଇଁ ଜୈନ ସାଧୁ ସୁବ୍ରତ ସାଗର, ପ୍ରଣୟ ସାଗର ଓ ପ୍ରନିତ ସାଗର ରାୟପୁରରୁ ଗତ ୨୭ ତାରିଖରୁ ଚାଲି ଚାଲି ବାହାରିଛନ୍ତି। ସେମାନେ ନବରଙ୍ଗପୁରରେ ୮ ତାରିଖରେ ପହଞ୍ଚିବେ। ଆର୍‌ସିଡି ହାଇସ୍କୁଲ ପଡିଆରେ ଭଗବାନ ଆଦିନାଥଙ୍କ ସମେତ ୧୧ ଜଣ ପାର୍ଶ୍ୱଭଗବାନଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ସହ ପୂଜା କରାଯିବ। ୪ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ, ପ୍ରତିଦିନ ଦିନକୁ ୨ଥର ପ୍ରବଚନ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି। ଏହି ଖବରଦାତା ସମ୍ମିଳନୀରେ ସଞ୍ଜୟ ଜୈନ, ଦିନେଶ ଜୈନ, ରମେଶ ଚନ୍ଦ୍ର ଜୈନ, ବିମଳ ଜୈନ, ଦିଲ୍ଲୀପ ଜୈନ, ଅରିନ୍ଦ୍ର ଜୈନ ଓ ରାକେଶ ଜୈନ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦିଗମ୍ବର ଜୈନ ସମାଜର ସଦସ୍ୟମାନେ ।

## ବ୍ଲକ୍ ଅଫିସ ଘେରିଲେ, ବିଡିଓଙ୍କୁ ଦାବି ଜଣାଇଲେ

ପାପଡ଼ାହାଣ୍ଡି,୩।୧୧(ଡି.ଏନ୍.ଏ.)

**■ ଏସ୍‌ଏଚ୍‌ଜିଙ୍କୁ ଚାଉଳ ବଣ୍ଟନରୁ ବାଦ୍ ଦେବାକୁ ନେଇ ବିକ୍ଷୋଭ**

**■ ସମର୍ଥନ ଜଣାଇଲେ ସରପଞ୍ଚ ସଂଘ**

ଖାଦ୍ୟ ସୁରକ୍ଷା ଯୋଜନାରେ ଏସ୍‌ଏଚ୍‌ଜିକୁ ଚାଉଳ ବଣ୍ଟନ ଦାୟିତ୍ୱ ନ ଦେଇ ପଞ୍ଚାୟତକୁ ଦେବାକୁ ପୂର୍ବରୁ କରାଯାଇଥିବା ଦାବିର କୌଣସି ସୁଫଳ ନ ମିଳିବାରୁ ପଞ୍ଚାୟତବାସୀ ବ୍ଲକ ଅଫିସ ଘେରାଉ କରିଛନ୍ତି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଲୋକଙ୍କ ଦାବିକୁ ସରପଞ୍ଚ ସଂଘ ସମର୍ଥନ କରିଛି।

ପାପଡ଼ାହାଣ୍ଡି ବ୍ଲକ ତୁମ୍ବର୍ଲା ସରପଞ୍ଚ ମୁରଲୀଧର ନାୟକଙ୍କ ନେତୃତ୍ୱରେ ଶତାଧିକ ପଞ୍ଚାୟତବାସୀ, ସମସ୍ତ ୱାର୍ଡମେମ୍ବର ଏକତ୍ରିତ ହୋଇ ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ରଞ୍ଜିତା ମଲିକଙ୍କୁ ଦାବିପତ୍ର ଦେଇଛନ୍ତି। ପଞ୍ଚାୟତରେ ଏସ୍‌ଏଚ୍‌ଜିମାନେ ଚାଉଳ ବଣ୍ଟନ କରୁଛନ୍ତି। ହିତାଧିକାରୀମାନେ ଏହି ମହିଳା ଗୋଷ୍ଠୀଙ୍କୁ ବିରୋଧ କରି ସେମାନଙ୍କ ହାତରୁ ଚାଉଳ ନେବୁ ନାହିଁ ବୋଲି କହୁଥିବା ସରପଞ୍ଚ ଓ ବ୍ଲକ ମଜଦୁର ସଂଘ ସଭାପତି ପରମେଶ୍ୱର ବିଷୋୟୀ ଅଧିକାରୀଙ୍କୁ ଜଣାଇଥିଲେ। ମୋ ଅଜାଣତରେ ଏସ୍‌ଏଚ୍‌ଜିକୁ ପ୍ରଶାସନ ଚାଉଳ ବଣ୍ଟନ ଦାୟିତ୍ୱ ଦେଇଛି ବୋଲି ସରପଞ୍ଚ ଅଭିଯୋଗ କରିଥିଲେ। ୭ ଦିନ ଭିତରେ ଏସ୍‌ଏଚ୍‌ଜିକୁ ବାଦ୍ ଦେଇ ପଞ୍ଚାୟତକୁ ଚାଉଳ ବଣ୍ଟନ କରିବାକୁ ଅନୁମତି ଦେବାକୁ ଦାବି ହୋଇଛି। ଏପରି ନ ହେଲେ ଆନ୍ଦୋଳନ କରାଯିବ ବୋଲି ଉପସ୍ଥିତ ଲୋକେ ଚେତାବନୀ ଦେଇଛନ୍ତି। ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପାତ୍ରୀ ସରପଞ୍ଚ ଭଗବତୀ ଭତରା, ପାପଡାହାଣ୍ଡି ସରପଞ୍ଚ ଚନ୍ଦ୍ରଶେଖର ମାଝି, ମଇଦଲପୁର ସରପଞ୍ଚ ଚନ୍ଦ୍ରଧ୍ୱଜ ମାଝି, ସେମଳା ସରପଞ୍ଚ ଟଙ୍କ ମାଝି ପ୍ରମୁଖ ଉପସ୍ଥିତ ରହି ଦାବିକୁ ସମର୍ଥନ ଜଣାଇଥିଲେ।

# ଦୁର୍ନୀତି ହଟିଲେ ଅପରାଧମୁକ୍ତ ରାଷ୍ଟ୍ର ଗଠନ ସମ୍ଭବ

ନନ୍ଦାହାଣ୍ଡି/କୋଷାଗୁମୁଡ଼ା/ରାଇଘର, ୩।୧୧(ଡି.ଏନ୍.ଏ.)

ନନ୍ଦାହାଣ୍ଡି ବ୍ଲକ ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ପୂର୍ବକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡଙ୍ଗରଭେଜା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଏବିଇଓ ପ୍ରଫୁଲ୍ଲ କୁମାର କହଁର ଏବଂ ଗୋଷ୍ଠୀ ମଙ୍ଗଳ ଅଧିକାରୀ ପ୍ରିୟଚାନ୍ଦ ମଲ୍ଲିକ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ଦୁର୍ନୀତି ନିବାରଣ ସଚେତନତା ବାର୍ତ୍ତା ନେଇ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ଏହାପରେ ବ୍ଲକ ସମ୍ମିଳନୀ କକ୍ଷରେ ଭିଜିଲାନ୍ସ ବିଭାଗ ଡିଏସ୍‌ପି କଳାବତୀ ବାଗ, ଷ୍ଟେନୋ ସୂର୍ଯ୍ୟପ୍ରକାଶ ଏବଂ କନଷ୍ଟେବଲ ଅଜିତ ପାଢ଼ୀଙ୍କ ଉପସ୍ଥିତିରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଦୁର୍ନୀତି ହଟିଲେ ଏକ ସୁସ୍ଥ ଏବଂ ଅପରାଧମୁକ୍ତ ଶୃଙ୍ଖଳିତ ସମାଜ, ରାଷ୍ଟ୍ର ନିର୍ମାଣ ହୋଇପାରିବ ବୋଲି ଅତିଥିମାନେ କହିଥିଲେ। ଦୁର୍ନୀତି ନିବାରଣ ବିଭାଗକୁ ଯୋଗାଯୋଗ କରିବା ପାଇଁ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀଙ୍କ ଫୋନ ନମ୍ବର ଦିଆଯାଇଛି। ଦୁର୍ନୀତି ବିରୋଧରେ ଅଭିଯୋଗକରି ଏହାର ପର୍ଦ୍ଦାଫାଶ କରିବାରେ ସାହାଯ୍ୟ କରିଲେ ଦୁର୍ନୀତି ନିବାରଣ ହୋଇପାରିବ ବୋଲି ଭିଜିଲାନ୍ସ ଡିଏସ୍‌ପି କହିଛନ୍ତି। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ କୁମାରୀ ହରିଜନ ପ୍ରଥମ, କୋଟ୍ରାଗୁଡା ସରକାରୀ ଅନୁସୂଚିତ ଜାତି ଓ ଜନଜାତି ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ରୀ ସନ୍ତୋଷୀ ମାଝି ଦ୍ୱିତୀୟ ଏବଂ ନିସନାହାଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏକାଦଶ ଶ୍ରେଣୀ ଛାତ୍ର ଅରୁଣ କୁମାର ଅମନାତ୍ୟ ତୃତୀୟ ହୋଇ ପୁରସ୍କାର ନେଇଛନ୍ତି।

କୋଷାଗୁମୁଡ଼ା ବ୍ଲକ ମାଝି ଧନୁଆ ପଞ୍ଚାୟତରେ ଗୁରୁବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଛାତ୍ରୀଛାତ୍ରମାନଙ୍କ ସହ ଜନପ୍ରତିନିଧି ଓ ପଞ୍ଚାୟତର ମାନ୍ୟଗଣ୍ୟ ବ୍ୟକ୍ତି ମାଝି ଧନୁଆ ଗ୍ରାମ ପରିକ୍ରମା କରିଥିଲେ। ଏହାପରେ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସଭା କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ଦୟାରାମ ପୂଜାରୀ, ସମିତି ସଭ୍ୟ ଯୁଗଧର ହରିଜନ, ପିଇଓ ପ୍ରଶାନ୍ତ କୁମାର ପଣ୍ଡା, ଜିଆର୍‌ଏସ୍ ତୁଷାରକାନ୍ତ ପଟ୍ଟନାୟକ, ଯୋଗାଣ ସହାୟକ ସୁଦନ ହରିଜନ, ଶିକ୍ଷକ ମଧୁସୂଦନ ସାହୁ, ବିଶ୍ୱନାଥ ସ୍ୱାଇଁ ଓ ସନ୍ତୋଷ କୁମାର କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ରାଇଘର ବ୍ଲକ ପ୍ରଶାସନ ପକ୍ଷରୁ ମଧ୍ୟ ଦୁର୍ନୀତି ନିବାରଣ ସପ୍ତାହ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହି ଅବସରରେ ଏକ ପଦଯାତ୍ରା ଡିଏନ୍‌କେ ଛକରୁ ବାହାରି ବଜାର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ଆଇସିଡିଏସ୍ ତଥା ସମସ୍ତ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଲାଞ୍ଚ ବିରୋଧୀ, ଦୁର୍ନୀତିମୁକ୍ତ ସମାଜ ଗଠନ ଲାଗି ପ୍ଲାକାର୍ଡ ଧରି ଲୋକଙ୍କୁ ସଚେତନ କରାଇଥିଲେ। ଲାଞ୍ଚ କାରବାର ଲାଗି ଅନେକ ଶିକ୍ଷିତ ଯୁବଗୋଷ୍ଠୀଙ୍କ ଭବିଷ୍ୟତ ଖରାପ ହେଉଛି ବୋଲି ଅତିଥିମାନେ କହିଥିଲେ। ଏଥିସହ ରାଇଘର କୋର୍ଟ ପରିସରରେ ମାଜିଷ୍ଟ୍ରେଟ, ଆଇନଜୀବୀ ଓ କୋର୍ଟ କର୍ମଚାରୀମାନେ ଦୁର୍ନୀତି ବିରୋଧରେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ରାଇଘର ବିଡିଓ ଦେବାଶିଷ କର, ଏବିଡିଓ ବିଜୟ କୁମାର ସେଠୀ, ଦାୟିତ୍ୱରେ ଥିବା ସମ୍ପ୍ରସାରଣ ଅଧିକାରୀ ଅଜିତ କୁମାର ନନ୍ଦଙ୍କ ସମେତ ସମସ୍ତ କର୍ମଚାରୀ, ଶିକ୍ଷୟିତ୍ରୀ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।




ନନ୍ଦାହାଣ୍ଡିରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ ଓ ଅନ୍ୟମାନେ।

